# ବାରହାପଲ ସହ ବାଇକ୍ ଧକ୍କା, ୨ ଗୁରୁତର

ଟାଙ୍ଗୀ (ଖୋର୍ଦ୍ଧା),୧୧।୭/ଏନ୍ଏନ୍ଏସ୍: ବୁଧବାର ଦିନ ସକାଳୁ ୧୬ ଜାତୀୟ ରାଜପଥର ନାରୁଣି ନିକଟସ୍ଥ ଷଣ୍ଢ ଛକଠାରେ ବାରହା ପଲ ସହ ଧକ୍କା ହୋଇ ଜଣେ ବାଇକ ଆରୋହୀ ଗୁରୁତର ହୋଇଥିବା ଖବର ମିଳିଛି। ସତ୍ୟନାରାୟଣ ଦଳେଇ (୪୫) ଓ ଦୁଃଶାସନ ରାଉତରାୟ (୫୯) ଏକ ବାଇକ ଯୋଗେ ସଲପଡିହ ଅଭିମୁଖେ ଯାଉଥିଲେ। ଷଣ୍ଢ ଛକର କିଛି ଦୂରରୁ ଏକ ବାରହାପଲ ରାସ୍ତା ଅତିକ୍ରମ କରୁଥିଲା ବେଳେ ବାଇକ୍ ସେମାନଙ୍କ ସହିତ ଧକ୍କା ହୋଇଥିଲା। ଫଳରେ ୨ ଜଣ ତଳେ ପଡ଼ି ରକ୍ତାକ୍ତ ହୋଇଥିବାବେଳେ ଦୁହିଁଙ୍କୁ ବାରହା ପଲ ଆକ୍ରମଣ କରିଥିଲେ। ପରିବାର ଲୋକେ ଓ ନାରୁଣି ବନପାଳ ଗୁରୁତର ଅବସ୍ଥାରେ ସେମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି ।

ନିତିଦିନ NITIDIN Thu, Jul 12, 2018
http://odishanewsnitidin.com